ତା ୨୩.୦୯.୨୦୨୫

## ନୂତନ ଗ୍ରାମ ପଂଚାୟତ ଓ ପଂଚାୟତ ସମିତି ଘୋଷଣା

**UDAQ 1393. ଶ୍ରୀ ଅଧିରାଜ୍ ମୋହନ ପାଣିଗ୍ରାହୀ:** ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ସରକାର ନୁଆ ଗ୍ରାମ ପଂଚାୟତ ଓ ପଂଚାୟତ ସମିତି (Block) ପୁର୍ଣ୍ଣଗଠନ କରିବା ପାଇଁ ବିଚାର କରୁଛନ୍ତି କି, (ଖ) କେଉଁ ସମୟସୀମା ଭିତରେ ରାଜ୍ୟ ସରକାର ଗ୍ରାମ ପଂଚାୟତ ଓ ପଂଚାୟତ ସମିତିର ପୂର୍ଣ୍ଣ ଗଠନ କରିବେ, ଗ୍ରାମ ପଂଚାୟତ ଓ ପଂଚାୟତ ସମିତି ପୂର୍ଣ୍ଣ ଗଠନର ନୀତି ନିୟମ କଣ?

### ଉତ୍ତର

**ଶ୍ରୀ ରବି ନାରାୟଣ ନାଏକ, ମାନ୍ୟବର ମନ୍ତ୍ରୀ, ପଞ୍ଚାୟତି ରାଜ ଓ ପାନୀୟ ଜଳ :-**

ବର୍ତ୍ତମାନ ରାଜ୍ୟରେ ନୂତନ ଗ୍ରାମ ପଂଚାୟତ ଓ ପଂଚାୟତ ସମିତି ପୁନର୍ଗଠନ କରିବାପାଇଁ ପ୍ରଶାସନିକ ସ୍ତରରେ କୌଣସି ନିୟମାବଳୀ ପ୍ରସ୍ତୁତ କରାଯାଇ ନାହିଁ । ଯେବେ ସରକାର ଗ୍ରାମ ପଂଚାୟତ ଓ ପଂଚାୟତ ସମିତି ପୁନର୍ଗଠନ କରିବାପାଇଁ ବିଧିବଦ୍ଧ ନିଷ୍ପତ୍ତି ନେବେ, ତେବେ ସେହି ସମୟରେ ନୀତି ନିୟମ ସମ୍ପର୍କିତ ନିର୍ଦ୍ଦେଶାବଳୀ ଅନୁଯାୟୀ ନୂତନ ଗ୍ରାମ ପଂଚାୟତ ଓ ପଂଚାୟତ ସମିତି ଗଠନ ନିମନ୍ତେ ଆସିଥିବା ପ୍ରତ୍ୟେକ ପ୍ରସ୍ତାବକୁ ପୁଙ୍ଖାନୁପୁଙ୍ଖ ଭାବରେ ତର୍ଜମା କରି ନିଷ୍ପତ୍ତି ନିଆଯିବ ।